# NATIONAL NEWS BULLETIN (ODIA)

## 23 April - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଚତୁର୍ଥ ପର୍ଯ୍ୟାୟରେ ୯୬ଟି ଲୋକସଭା ଆସନ ପାଇଁ ଆସନ୍ତା ୨୫ ତାରିଖରେ ଶେଷ ହେବ ନାମାଙ୍କନ ।
- ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଅରବିନ୍ଦ କେଜ୍ରିୱାଲ୍ ଓ କେ. କବିତାଙ୍କ ବିଚାର ବିଭାଗୀୟ ହାଜତ ଅବଧି ଆସନ୍ତା ମେ ୭ ତାରିଖ ଯାଏଁ ବୃଦ୍ଧି ।
- ଦେଶରୁ ନକ୍ସଲବାଦର ସମୂଳ ନିପାତ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଭାରତ-ପ୍ରଶାନ୍ତ ମହାସାଗରର ଉଦୀୟମାନ ଆଞ୍ଚଳିକ ଢାଞ୍ଚାରେ ଭାରତ ଗଠନ ଭୂମିକା ଗ୍ରହଣ କରିପାରିବ, କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ।

ଏବଂ

- ମାଲେସିଆର ନୌସେନା ଘାଟିରେ ପରେଡ୍ ଅଭ୍ୟାସ ବେଳେ ହେଲିକପ୍ଟର ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ।

## ଇଲେକ୍ସନ-ଫୋର୍ଥ ଫେଜ୍

ଆସନ୍ତା ମେ ୧୩ ତାରିଖରେ ସାଧାରଣ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଜମ୍ମୁ-କଶ୍ମୀର ସମେତ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୯୬ଟି ଲୋକସଭା ଆସନ ପାଇଁ ମତଦାନ ହେବ। ଏଥିପାଇଁ ଚାଲିଥିବା ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆସନ୍ତା ୨୫ ତାରିଖରେ ଶେଷ ହେବ । ପରଦିନ ଅର୍ଥାତ୍ ୨୬ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ହେବ । ଆସନ୍ତା ୨୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି ।

## କୋର୍ଟ୍-କେଜରିୱାଲ ଆଣ୍ଡ କବିତା

ଦିଲ୍ଲୀ ଅବକାରୀ ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଭାରତ ରାଷ୍ଟ୍ର ସମିତି (ବି.ଆର୍.ଏସ୍)

ନେତା କେ. କବିତାଙ୍କ ବିଚାର ବିଭାଗୀୟ ହେପାଜତ ଅବଧିକୁ ଦିଲ୍ଲୀ ରାଉଜ୍ ଆଭେନ୍ୟୁ କୋର୍ଟ ଆସନ୍ତା ମେ ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

ମେ ୭ ତାରିଖ ଅପରାହ୍ଣରେ ଭର୍ଚୁଆଲ୍ କନଫରେନ୍ସିଂ ଜରିଆରେ ଉଭୟ କେଜ୍ରିଓ୍ୱାଲ ଏବଂ ଶ୍ରୀମତୀ କବିତାଙ୍କୁ ହାଜର କରିବାକୁ ରାଉଜ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି କାବେରୀ ବାଭେଜା ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପତ୍ନୀ ସୁନୀତାଙ୍କ ଉପସ୍ଥିତିରେ ଅରବିନ୍ଦ କେଜ୍ରିଓ୍ୱାଲ୍ ଡାକ୍ତରଙ୍କ ସହ ଦୈନିକ ୧୫ ମିନିଟ୍ ଡାକ୍ତରୀ ପରାମର୍ଶ ପାଇଁ ଆମ୍ ଆଦମୀ ପାର୍ଟି ନେତାଙ୍କ ଆବେଦନକୁ ଖାରଜ କରିବାର ଗୋଟିଏ ଦିନ ପରେ ଅଦାଲତ ଏହି ରାୟ ଶୁଣାଇଛନ୍ତି ।

ସୂଚନା ଯୋଗ୍ୟ ମାର୍ଚ୍ଚ ୨୧ରେ ଦିଲ୍ଲୀ ହାଇକୋର୍ଟ  କେନ୍ଦ୍ରୀୟ ଏଜେନ୍ସିର କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେବା ପାଇଁ ମନା କରିଦେବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ – ଇ.ଡି.  ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଗିରଫ କରିଥିଲା । ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ତେଲେଙ୍ଗାନାର ଏମ୍.ଏଲ୍.ସି. ଶ୍ରୀମତୀ କବିତାଙ୍କୁ ଇଡି ମାର୍ଚ୍ଚ ୧୫ରେ ଗିରଫ କରିଥିଲା । ପରେ ସେ ବିଚାର ବିଭାଗୀୟ ହାଜତରେ ଥିବା ବେଳେ ସି.ବି.ଆଇ. ତାଙ୍କୁ ଗିରଫ କରିଥିଲା ।

# ୟୁପି-ପୋଲ ରାଉଣ୍ଡଅପ୍

ଉତ୍ତରପ୍ରଦେଶରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷ ଦିନରେ ରାଜନୈତିକ ଦଳଗୁଡ଼ିକ ସମସ୍ତ କୌଶଳ ଅବଲମ୍ବନ କରି ଭୋଟରଙ୍କ ପାଖରେ ପହଞ୍ଚିଛନ୍ତି। ଚଳିତ ମାସ ୨୬ ତାରିଖରେ ୮ଟି ଲୋକସଭା ଆସନ ପାଇଁ ମତଦାନ ହେବାକୁ ଥିବା ରାଜ୍ୟର ପଶ୍ଚିମ ଭାଗରେ ବିଜେପି, ବିଏସ୍‌ପି ଏବଂ ସମାଜବାଦୀ ପାର୍ଟିର ବରିଷ୍ଠ ନେତାମାନେ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି।

ବିଜେପିର ବରିଷ୍ଠ ନେତା ରାଜନାଥ ସିଂହ ଆଜି ଗୌତମବୁଦ୍ଧ ନଗର ଜିଲ୍ଲାରେ ଦଳୀୟ ପ୍ରାର୍ଥୀ ମହେଶ ଶର୍ମାଙ୍କ ପାଇଁ ପ୍ରଚାର କରିଛନ୍ତି। ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରି ଶ୍ରୀ ସିଂହ କହିଛନ୍ତି, ପୂର୍ବରୁ ଉତ୍ତରପ୍ରଦେଶର ଦୁର୍ନୀତି କେନ୍ଦ୍ର ଭାବେ କୁଖ୍ୟାତ ଥିବା ନୋଏଡା, ଏବେ ରାଜ୍ୟର ପ୍ରମୁଖ ବ୍ୟବସାୟ କେନ୍ଦ୍ରରେ ପରିଣତ ହୋଇଛି। ବର୍ତ୍ତମାନ ୟୁପି ଏହାର ଆଇନଶୃଙ୍ଖଳା, ବିକାଶ, ନିବେଶ ଏବଂ ସୁଶାସନ ପାଇଁ ଜଣାଶୁଣା ହୋଇଛି ।

ଆଲିଗଡ଼ରୁ ସପା-କଂଗ୍ରେସ ମେଣ୍ଟ ପ୍ରାର୍ଥୀ ବିଜେନ୍ଦ୍ର ସିଂହ ଏବଂ ହାଥରସରୁ ଯଶବୀର ବାଲ୍ମିକୀଙ୍କ ପାଇଁ ଆଲିଗଡ଼ ଜିଲ୍ଲାରେ ହୋଇଥିବା ପ୍ରଚାର ରାଲିରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଯୋଗ

ଦେଇ ଘୃଣା ପ୍ରସାର କରୁଥିବା ଲୋକଙ୍କ ବିରୋଧରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ବରିଷ୍ଠ ବିଜେପି ନେତା ତଥା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମିରଟରେ ଏକ ର୍ୟାଲିରେ ଯୋଗ ଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ପ୍ରଚାର କରିଥିବା ବେଳେ ପ୍ରସିଦ୍ଧ ଅଭିନେତା ଅରୁଣ ଗୋଭିଲ ମଧ୍ୟ ମିରଟ୍‌ରେ ରୋଡ୍ ଶୋ' କରିଥିଲେ ।

ବହୁଜନ ସମାଜ ପାର୍ଟି ସୁପ୍ରିମୋ ମାୟାବତୀ ମଧ୍ୟ ଦଳୀୟ ପ୍ରାର୍ଥୀ ଦେବବ୍ରତ ତ୍ୟାଗୀଙ୍କ ସମର୍ଥନରେ ମିରଟ ଜିଲ୍ଲାରେ ଏକ ରାଲିକୁ ସମ୍ବୋଧିତ କରି କହିଛନ୍ତି, ଯଦି ଦଳ କ୍ଷମତାକୁ ଆସେ, ତେବେ ପଶ୍ଚିମ ୟୁପି ଏକ ଅଲଗା ରାଜ୍ୟ ହେବ ଏବଂ ମିରଟରେ ହାଇକୋର୍ଟର ଏକ ଶାଖା ଆଣିବାକୁ ଚେଷ୍ଟା କରିବ ।

## ଆର୍‌ବିଆଇ-ଜିଡିପି ଗ୍ରୋଥ୍

ଦୃଢ଼ ନିବେଶ ଚାହିଦା ଏବଂ ଉତ୍ସାହଜନକ ବ୍ୟବସାୟ ଏବଂ ଉପଭୋକ୍ତା ଭାବନାକୁ ସମର୍ଥନ କରି ବାସ୍ତବ ଜି.ଡି.ପି. ଅଭିବୃଦ୍ଧିରେ ଏକ ଧାରା ବୃଦ୍ଧି ପାଇଁ ପରିସ୍ଥିତି ସୃଷ୍ଟି ହେଉଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଚଳିତ ମାସର ବୁଲେଟିନରେ କହିଛି । 'ଷ୍ଟେଟ୍ ଅଫ୍ ଦି ଇକୋନୋମି' ଶୀର୍ଷକ ଏହି ଲେଖାରେ କୁହାଯାଇଛି, ସି.ପି.ଆଇ. ମୁଦ୍ରାସ୍ଫୀତି ଗତ ଦୁଇ

ମାସରେ ହାରାହାରି ୫.୧ ପ୍ରତିଶତ ଥିବା ବେଳେ ମାର୍ଚ୍ଚରେ ଏହା ୪.୯ ପ୍ରତିଶତରେ ପହଞ୍ଚିଛି। ତେବେ ଅତ୍ୟଧିକ ପାଣିପାଗ ପରିସ୍ଥିତି ମୁଦ୍ରାସ୍ଫୀତି ପାଇଁ ବିପଦ ସୃଷ୍ଟି କରିବ । ଏହା ଦୀର୍ଘ ସମୟ ଧରି ଭୂ-ରାଜନୈତିକ ଉତ୍ତେଜନା ସୃଷ୍ଟି କରିବା ସହ ଅଶୋଧିତ ତୈଳ ଦରକୁ ଅସ୍ଥିର ରଖିପାରେ ବୋଲି ଏହି ଲେଖାରେ ଚେତାବନୀ ଦିଆଯାଇଛି।

## ବାକ୍ ଫୁଲ୍ ମୁନ୍ ପୋୟା ଡେ

ବାକ୍ ପୂର୍ଣ୍ଣିମା ପୋୟା ଦିବସର ପ୍ରତୀକାତ୍ମକ ଉତ୍ସବରେ ଶ୍ରୀଲଙ୍କାରେ ଅବସ୍ଥାପିତ ଭାରତର ହାଇକମିଶନର ସନ୍ତୋଷ ଝା ଏବଂ ପରମ ଧାମ ଚେତିଆ ପିରିଭେନାର ମୁଖ୍ୟ ଅଧିକାରୀ ଡ. ମାଇତିପେ ବିମଳସରା ମହା ଥେରା ମିଳିତ ଭାବେ ଶ୍ରୀଲଙ୍କାର ରତମାଲାନାସ୍ଥିତ ପରମା ଧାମ ଚେତିଆ ପିରିଭେନାଠାରେ ଭାରତର ସମୃଦ୍ଧ ବୌଦ୍ଧ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ଜ୍ଞାନଭଣ୍ଡାରକୁ ସମୃଦ୍ଧ କରିବା ଲକ୍ଷ୍ୟରେ ବୌଦ୍ଧ ଧର୍ମ ଓ ଭାରତ ଉପରେ ଲିଖିତ ପୁସ୍ତକ ପ୍ରଦାନ କରାଯାଇଥିଲା । ଏହି ପ୍ରଦର୍ଶନୀ ଭାରତୀୟ ହାଇକମିସନ ଦ୍ୱାରା ଆୟୋଜିତ ଭ୍ରାମ୍ୟମାଣ ପ୍ରଦର୍ଶନୀ ଶୃଙ୍ଖଳାର ତୃତୀୟ ଦଫା ଅଟେ, ଯେଉଁଥିରେ ବର୍ଷସାରା ପ୍ରତ୍ୟେକ ପୋୟା ଦିବସରେ ବିଭିନ୍ନ ବୌଦ୍ଧ ଧର୍ମାନୁଷ୍ଠାନର ଉପସ୍ଥିତି ଦେଖିବାକୁ ମିଳିବ ବୋଲି ପ୍ରତିଶ୍ରୁତି

ଦିଆଯାଇଛି । ବୁଦ୍ଧଙ୍କ ଦ୍ୱିତୀୟ ଶ୍ରୀଲଙ୍କା ଗସ୍ତର ସ୍ମୃତିଚାରଣ ସ୍ୱରୂପ ଏହି ବାକ୍ ପୋୟା ଦିବସ କାର୍ଯ୍ୟକ୍ରମ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ମିଳିତ ଆଧ୍ୟାତ୍ମିକ ପରମ୍ପରା ଉପରେ ଆଧାରିତ ସ୍ଥାୟୀ ସମ୍ପର୍କକୁ ସ୍ମରଣୀୟ ଭାବରେ ମନେ ପକାଇଥାଏ ।

## ଛତିଶଗଡ଼-ପିଏମ୍

ପ୍ରଧାନମନ୍ତ୍ରୀ ତଥା ବିଜେପି ନେତା ନରେନ୍ଦ୍ର ମୋଦୀ ଆଜି ଛତିଶଗଡ଼ର ମହାସମୁନ୍ଦ ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧମ୍‌ତରୀ ସହରରେ ଏକ ସାଧାରଣସଭାକୁ ସମ୍ବୋଧିତ କରିଛନ୍ତି। ଛତିଶଗଡ଼ରେ ଭାରତୀୟ ଜନତା ପାର୍ଟି ସରକାର ଗଠନ ହେବା ପରେ ଦୁର୍ନୀତି ସହ ନକ୍ସଲ ହିଂସାକୁ ନିୟନ୍ତ୍ରଣ କରାଯାଇଛି ବୋଲି ଶ୍ରୀ ମୋଦୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଛତିଶଗଡ଼ରେ ଏବେ ନକ୍ସଲବାଦ ଦ୍ରୁତ ଗତିରେ ହ୍ରାସ ପାଉଛି ଏବଂ ସେ ନକ୍ସଲବାଦକୁ ମୂଳରୁ ନିପାତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଛତିଶଗଡ଼ର ବିକାଶ ପାଇଁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି। ରାଜ୍ୟରେ ରେଳବାଇ, ଜଳସେଚନ ଓ ଇଣ୍ଟରନେଟ୍ ସଂଯୋଗକୁ ଦ୍ରୁତ ଗତିରେ ସମ୍ପ୍ରସାରଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ଶ୍ରୀ ମୋଦୀ ଆସନ୍ତାକାଲି ସକାଳେ ଛତିଶଗଡ଼ର ସରଗୁଜା ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅମ୍ବିକାପୁର ସହରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

## ଛତିଶଗଡ଼-ପିଏମ୍ ମିଟିଂ

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଛତିଶଗଡ଼ର ଜାଞ୍ଜଗିର ଚମ୍ପା ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶକ୍ତିରେ ଅନୁଷ୍ଠିତ ଏକ ସାଧାରଣସଭାକୁ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି, ପୁଣି କ୍ଷମତାକୁ ଆସିଲେ ବିଜେପି ସମ୍ବିଧାନ ପରିବର୍ତ୍ତନ କରିବ କିମ୍ବା ସଂରକ୍ଷଣ ଉଚ୍ଛେଦ କରିବ ବୋଲି କଂଗ୍ରେସ ମିଥ୍ୟା ପ୍ରଚାର କରୁଛି। ତେବେ ଦେଶର ସମ୍ବିଧାନକୁ କେହି ବଦଳାଇ ପାରିବେ ନାହିଁ ବୋଲି ଶ୍ରୀ ମୋଦୀ ଦେଶବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ସ୍ୱାଧୀନତା ପରଠାରୁ କଂଗ୍ରେସ ତୁଷ୍ଟୀକରଣ ଏବଂ ଭୋଟ୍ ବ୍ୟାଙ୍କ ରାଜନୀତି କରୁଛି; କିନ୍ତୁ ଭାରତୀୟ ଜନତା ପାର୍ଟି ହେଉଛି ଏକ ଦଳ, ଯିଏ 'ସବ୍‌କା ସାଥ୍- ସବ୍‌କା ବିକାଶ'ର ମନ୍ତ୍ର ଅନୁସରଣ କରେ । ଗରିବ, ଯୁବକ, ମହିଳା ଓ କୃଷକଙ୍କ କଲ୍ୟାଣ ବିଜେପିର ପ୍ରାଥମିକତା ବୋଲି ସେ କହିଛନ୍ତି। କେନ୍ଦ୍ରର ବିଜେପି ସରକାର କୃଷି କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ ବଢ଼ାଇବାରେ ଲାଗିପଡିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି। ଡ୍ରୋନ୍ ଭଳି

ଆଧୁନିକ ଜ୍ଞାନକୌଶଳ କୃଷି କ୍ଷେତ୍ରରେ ଖର୍ଚ୍ଚ ହ୍ରାସ କରିବ ଏବଂ ମହିଳାମାନେ ଏହି ଡ୍ରୋନ୍ ବିପ୍ଳବର ନେତୃତ୍ୱ ନେବେ । ଏଥିପାଇଁ ମହିଳାମାନଙ୍କୁ ଡ୍ରୋନ୍ ପାଇଲଟ୍ ଭାବେ ତାଲିମ ଦିଆଯାଉଛି। ୩ କୋଟି ମହିଳାଙ୍କୁ ଲକ୍ଷପତି ଦିଦି କରିବା ବିଜେପି ସରକାରଙ୍କ ଲକ୍ଷ୍ୟ । ଏହାଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଜଡିତ ମହିଳାମାନେ ସିଧାସଳଖ ଉପକୃତ ହେବେ ବୋଲି ସେ କହିଛନ୍ତି।

## ଏସିଆନ୍ ଫ୍ୟୁଚର୍ ଫୋରମ୍

ଏକ ଶକ୍ତିଶାଳୀ ଏବଂ ଏକତ୍ରିତ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ସଂଘ (ଆସିଆନ୍) ଭାରତ-ପ୍ରଶାନ୍ତ ମହାସାଗରର ଉଦୀୟମାନ ଆଞ୍ଚଳିକ ଢାଞ୍ଚାରେ ଗଠନମୂଳକ ଭୂମିକା ଗ୍ରହଣ କରିପାରିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି । ପ୍ରଥମ ଏସିଆନ୍ ଫ୍ୟୁଚର ଫୋରମ୍‌ରେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ-ପ୍ରଶାନ୍ତ ମହାସାଗରର ଇନିସିଏଟିଭ୍ (ଆଇ.ପି.ଓ.ଆଇ.) ଏବଂ ଭାରତ-ପ୍ରଶାନ୍ତ ମହାସାଗର ଉପରେ ଏସିଆନ୍ ଆଉଟ୍‌ଲୁକ୍ (ଏ.ଓ.ଆଇ.ପି.) ମଧ୍ୟରେ ସମନ୍ୱୟ, ବ୍ୟାପକ ନିରାପତ୍ତା ପାଇଁ ଆହ୍ୱାନ ଏବଂ ମୁକାବିଲା ସମେତ ସହଯୋଗ ପାଇଁ ଭାରତ ଏକ ଦୃଢ଼ ଢାଞ୍ଚା ପ୍ରଦାନ କରେ। ସେ ଆହୁରି ମଧ୍ୟ କହିଛନ୍ତି, ଭାରତର ଆକ୍ଟ ଇଷ୍ଟ ନୀତିର କେନ୍ଦ୍ରରେ ଏସିଆନ ରହିଛି ଏବଂ ଭାରତର ବ୍ୟାପକ ଭାରତ-ପ୍ରଶାନ୍ତ

ମହାସାଗରୀୟ ଅଭିଯାନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ଆନ୍ତର୍ଜାତିକ ବ୍ୟାପାରରେ ଦକ୍ଷିଣ ବିଶ୍ୱ ତା'ର ଦୃଷ୍ଟିକୋଣ ଉପସ୍ଥାପନ କରିବା ଏବଂ ବୃହତ ଭୂମିକା ଗ୍ରହଣ କରିବାର ସମୟ ଆସିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଆହୁରି କହିଛନ୍ତି, ନୌଚଳାଚଳର ସ୍ୱାଧୀନତା, ଅତ୍ୟଧିକ ଏବଂ ଅବାଧ ବାଣିଜ୍ୟକୁ ସମସ୍ତେ ସମ୍ମାନ ଓ ସୁବିଧା ଦେବା ଜରୁରୀ । କ୍ୱାଡ୍ ର ଭୂମିକା ଉପରେ ଆଲୋକପାତ କରି ଡକ୍ଟର ଜୟଶଙ୍କର କହିଥିଲେ, କ୍ୱାଡ୍ ନେତାମାନେ ନିରନ୍ତର ଭାବେ ଏସିଆନ୍ ପ୍ରତି ସେମାନଙ୍କର ଅତୁଟ ସମର୍ଥନ ଜାରି ରଖିଛନ୍ତି ।

## ମାଲେସିଆ-ହେଲିକପ୍ଟର କ୍ରାସ୍

ନୌସେନା ପରେଡ୍ ପାଇଁ ଅଭ୍ୟାସ କରୁଥିବା ବେଳେ ଦୁଇଟି ହେଲିକପ୍ଟର ପରସ୍ପରକୁ ଧକ୍କା ଦେବାରୁ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ରୟାଲ ମାଲେସିଆ ନୌସେନା ଆଜି ସୂଚନା ଦେଇଛି ।

ମାଲେସିଆର ଉତ୍ତର ପେରାକ୍ ରାଜ୍ୟରେ ଅବସ୍ଥିତ ଏକ ନୌସେନା ଘାଟିରେ ଆଗାମୀ ୯୦ତମ ବାର୍ଷିକ ଉତ୍ସବ ପାଳନ ପାଇଁ ରିହର୍ସାଲ ଚାଲିଥିବା ସମୟରେ ଏହି ଦୁଃଖଦ ଘଟଣା ଘଟିଛି। ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ହୋଇଥିବା ନୌସେନା ପକ୍ଷରୁ କୁହାଯାଇଛି । ମୃତଦେହ

ଚିହ୍ନଟ ଉଦ୍ଦେଶ୍ୟରେ ଡାକ୍ତରଖାନାକୁ ପଠାଯାଇଛି ବୋଲି ନୌସେନା ପକ୍ଷରୁ କୁହାଯାଇଛି।